# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ଦୂରଭାଷ : ୦୬୭୬୨-୨୨୪୪୧୪

ଇମେଲ୍:-ଡିକେଏଲ୍.ଡିଆଇପିଆର୍ଓ@ ଜିମେଲ୍.କମ୍


ପତ୍ର ସଂଖ୍ୟା ---୪୬୪---/ସୂ.ଲୋ.ସଂ    ତା.୨୧/୦୭/୨୦୨୦

## ଢେଙ୍କାନାଳ ଜିଲ୍ଲାରେ ୫୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ, ଚିକିତ୍ସା ପରେ ୪ ଜଣ ଆକ୍ରାନ୍ତ ସୁସ୍ଥ ହେଲେ ।

ଢେଙ୍କାନାଳ, ତା-୨୧/୦୭/୨୦୨୦- ଢେଙ୍କାନାଳ ଜିଲ୍ଲାରେ ୫୨ ଜଣ କରୋନା ପଜିଟିଭ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଗଂଦିଆ ବ୍ଲକରୁ ୧୪ ଜଣ, ଭୁବନ ଏନ୍.ଏ.ସି.ରୁ ୩ ଜଣ, ଭୁବନ ବ୍ଲକରୁ ଜଣେ, ସଦର ବ୍ଲକରୁ ୨ ଜଣ, ଢେଙ୍କାନାଳ ପୌରାଞ୍ଚଳରୁ ଜଣେ, ଢେଙ୍କାନାଳ ଜିଲ୍ଲାରେ ରହୁଥିବା କଟକ ଜିଲ୍ଲାର ଆଠଗଡ଼ ବ୍ଲକର ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି ।

ଗଂଦିଆ ବ୍ଲକରେ ପିଞ୍ଚୁଆ, ନଡ଼ିଲ ପ୍ରସାଦ, ଗୋପାଳପୁର, ଦେଓଗାଁ, ଷଡ଼ଙ୍ଗୀ ଏବଂ ବାଜିଚା ଗ୍ରାମର ଲୋକମାନଙ୍କୁ ୧୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସବୁ ଗ୍ରାମ ଅନୁଗୁଳ ଜିଲ୍ଲା ସଂଲଗ୍ନ ହୋଇଥିବା ହେତୁ, ଏବଂ ଏହି ଗ୍ରାମର ବାସିନ୍ଦାମାନେ ଅନୁଗୁଳ ଜିଲ୍ଲା ସହିତ ଅଧିକ ସମ୍ପର୍କ ରଖିଥିବା ହେତୁ, ସେମାନଙ୍କର ବ୍ୟାପକ କଣ୍ଟାକ୍ଟ ଟ୍ରେସିଂ ଦ୍ୱାରା ଚିହ୍ନଟ ହୋଇଛନ୍ତି । ଏହି ଗ୍ରାମବାସୀମାନେ ଢେଙ୍କାନାଳ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ବିଶେଷ ଯାତାୟାତ କରି ନଥିବା ହେତୁ ସଂକ୍ରମଣର ଆଶଙ୍କା ନାହିଁ, ତେଣୁ ଜିଲ୍ଲାବାସୀ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଉଛି ।

ସେହିଭଳି ଭୁବନ ଏନ୍.ଏ.ସି., ୱାର୍ଡ ନଂ-୧୧ରୁ ୩ ଜଣ, ସଦର ବ୍ଲକର ହେଲ୍ଲୁଙ୍ଗ ଏବଂ ବାଲିଆଶ୍ରୀ ଗ୍ରାମରୁ ଜଣେ ଲେଖାଏଁ, ଭୁବନ ବ୍ଲକର ସୁରେଶପୁର ଗ୍ରାମରୁ ଜଣେ, ଢେଙ୍କାନାଳ ପୌରାଞ୍ଚଳର କୁଞ୍ଜକାନନରୁ ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି ।

ଏହି ୫୨ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୧୬ ଜଣଙ୍କୁ କଣ୍ଟାକ୍ଟ ଟ୍ରେସିଂ ଦ୍ୱାରା ଚିହ୍ନଟ କରାଯାଇଥିବା ବେଳେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ୨ ଜଣ ରୋଗୀଙ୍କର ଆଣ୍ଟିଜେନ ଟେଷ୍ଟ ଦ୍ୱାରା ପଜିଟିଭ ଜଣାପଡ଼ିଥିବା ବେଳେ କଟକରେ [illegible] ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଅନୁଗୁଳ ଜିଲ୍ଲା ସଂଲଗ୍ନ ହେବାରୁ ଏହି ଗ୍ରାମରେ ରହୁଥିବା ଆକ୍ରାନ୍ତ ମାନଙ୍କ ପାଇଁ ଏବଂ ସଂଲଗ୍ନ ଅଞ୍ଚଳକୁ କ୍ୱାରେଣ୍ଟାଇନ କଣ୍ଟେନମେଣ୍ଟ ଜୋନ ଘୋଷଣା

ସହ ସ୍ୱତନ୍ତ୍ର ଘୋଷଣା କରାଯାଇଛି । ସେଥିରେ ଏହି ସବୁ ଗ୍ରାମଗୁଡ଼ିକ ଲୋକଙ୍କୁ ଭିତରୁ ବାହାର, ବାହାରୁ ଭିତରକୁ ବିଶେଷ ଆବଶ୍ୟକତା ନ ହେବାକୁ କୁହାଯାଉଛି ।

ଆଜି ସୁଦ୍ଧା ଜିଲ୍ଲାରେ କରୋନା ସଂକ୍ରମିତ ରୋଗୀଙ୍କ ସଂଖ୍ୟା ୨୯୪ କୁ ବୃଦ୍ଧି ପାଇଥିବା ବେଳେ ୧୦୮ ଜଣ ରୋଗୀଙ୍କୁ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି ଏବଂ ୧୮୬ ଜଣ ରୋଗୀଙ୍କୁ ଚିକିତ୍ସାଧୀନ ଅଛନ୍ତି ।

ଏହି ମହାମାରୀ କରୋନା ରୋଗ ଠାରୁ ସୁରକ୍ଷିତ ରହିବାକୁ ସମସ୍ତ ସଚେତନ ଲୋକ ଘରୁ ଅଯଥା ବାହାରକୁ ନ ଯିବାକୁ, ଯଦି ଆବଶ୍ୟକ କାର୍ଯ୍ୟରେ ଘରୁ ବାହାରିଲେ ମାସ୍କ ବ୍ୟବହାର କରିବାକୁ, ଘରକୁ ଫେରି ଆସିଲେ ସାବୁନରେ ଭଲ ଭାବରେ ହାତ ଧୋଇବାକୁ, ସର୍ବସାଧାରଣରେ ସୁରକ୍ଷିତ ସାମାଜିକ ଦୂରତା ରକ୍ଷା କରିବାକୁ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଅନୁରୋଧ କରିଛନ୍ତି ।

– x –

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

ତା ୧.୭.୨୦୨୦
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଢେଙ୍କାନାଳ